# ବିଭିନ୍ନ ଅଞ୍ଚଳରେ ମେରୁଯାତ୍ରା ନିଷ୍ଠାର ସହ ପାଳିତ



ଛତ୍ରପୁର,୧୪।୪(ସମିସ): ଛତ୍ରପୁର ବ୍ଲକର ବିଭିନ୍ନ ଗ୍ରାମରେ ଥିବା ଦଣ୍ଡକାଳୀଙ୍କ ପୀଠାରୁ ଆରମ୍ଭ ହେଇଥିବା ଦଣ୍ଡନାଚ ମେରୁସଂକ୍ରାନ୍ତି ଅବସରରେ ଉଦ୍‌ଯାପିତ ହୋଇଯାଇଛି। ଛତ୍ରପୁରସ୍ଥିତ ସୂର୍ଯ୍ୟନଗର ମା' ଦକ୍ଷିଣ ଦଣ୍ଡକାଳୀଙ୍କ ପୀଠରେ ମଧ ମେରୁଯାତ୍ରା ଅନୁଷ୍ଠିତ ହୋଇଛି। ସେହିପରି ବୀରେଶ୍ୱର ଦକ୍ଷିଣକାଳୀ ଏବଂ ସୀତାନଗର, କୁମାରବେଗପଲ୍ଲୀ, ଲଣ୍ଡାବାଉଁଶ, ନନ୍ଦପଣ୍ଡାପଲ୍ଲୀ, କମାପଲ୍ଲୀ, ସିନ୍ଦିରାପଲ୍ଲୀ, କେରାଣ୍ଡିତୋଳା, ବିପୁଲିଙ୍ଗି ସମେତ ବିଭିନ୍ନ ଅଞ୍ଚଳରେ ମେରୁଯାତ୍ରା ଅନୁଷ୍ଠିତ ହୋଇଥିଲା। ଯାତ୍ରାର ପରମ୍ପରା ହେଲା ପାଟଭୁକ୍ତାଙ୍କୁ କ୍ଷୀରରେ ସ୍ନାନ କରାଯାଇ ମେରୁ ଖୁଣ୍ଟରେ ଝୁଲା ଯାଇଥାଏ। ଏହାପରେ ପାଟଭୁକ୍ତା ମାନସିକଧାରୀଙ୍କୁ ତାଙ୍କ ହାତରେ ଆମ୍ବ, ଖଜୁରୀ କୋଳି ଦେଇଥାନ୍ତି। ଏହି କ୍ରମରେ ମଙ୍ଗଳବାର ସକାଳୁ ଦଣ୍ଡୁଆମାନେ ଧୂଳିଦଣ୍ଡ ସାରି ପୋଖରୀ ତୁଠରେ ସ୍ନାନ କରି ମେରୁ ଯାତ୍ରାକୁ ଆସିଥିଲେ। ବାଟରେ ମା'ଙ୍କୁ ବିଭିନ୍ନ ସ୍ଥାନରେ ପୂଜାର୍ଚ୍ଚନା କରାଯାଇଥିଲା। ଦଣ୍ଡଯାତ୍ରାରେ ଭାଗ ନେଉଥିବା ଦଣ୍ଡୁଆମାନଙ୍କ ପରିବାର ଦୀର୍ଘଦିନ ଧରି ନିଷ୍ଠାର ସହ ବ୍ରତ ପାଳିଥିଲେ।

**ଗଞ୍ଜାମ:** ମେରୁ ସଂକ୍ରାନ୍ତି ଅବସରରେ ଗଞ୍ଜାମ ସହର ଉତ୍ସବ ମୁଖର ହୋଇଉଠିଛି। ଏହି ମେରୁ ଯାତ୍ରା ଦେଖିବା ପାଇଁ ସହର ସ୍ଥିତ କଲେଜ ରୋଡ଼ ମା'ଦକ୍ଷିଣ କାଳୀ ମନ୍ଦିର ପରିସରରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା ଓ ନୀତିକାନ୍ତି ପରେ ପାଟ ଭୁକୁତାଙ୍କୁ ମେରୁ ମଣ୍ଡପରେ ରହିଥିବା ଅଗ୍ନି କୁଣ୍ଡ ଉପରେ ଝୁଲାଇ ଦିଆଯାଇଥିଲା। ଏହି ଦୃଶ୍ୟ ଅବଲୋକନ କରିବା ପରେ ମହିଳା ମାନଙ୍କର ହୁଳହୁଳି ଓ ପରମ୍ପାରିକ ବାଦ୍ୟ ବାଜଣା ସ୍ଥାନୀୟ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା।

**କବିସୂର୍ଯ୍ୟନଗର:** ମଙ୍ଗଳବାର ଥିଲା ପଣା ସଂକ୍ରାନ୍ତି ବା ମେରୁ ସଂକ୍ରାନ୍ତି। ଏହି ଦିନରେ ଗଂଜାମ ଜିଲ୍ଲାର ପ୍ରସିଦ୍ଧ ମା'ଦଣ୍ଡକାଳୀଙ୍କ ଯାତ୍ରାର ଅନ୍ତିମ ଦିବସ। ଏହି ଅନ୍ତିମ ଦିବସରେ ଆୟୋଜିତ ହୋଇଛି ମେରୁପର୍ବ। କବିସୂର୍ଯ୍ୟନଗର ଅଞ୍ଚଳରେ ଥିବା ବିଭିନ୍ନ ଦଣ୍ଡକାଳୀ ମନ୍ଦିରମାନ ମେରୁପର୍ବକୁ ନେଇ ଉତ୍ସବ ମୁଖର ହୋଇପଡିଥିଲା। ଢୋଲ, ଘଣ୍ଟ, ଝାଞ୍ଜ ସାଙ୍ଗକୁ କଳାରୁଦ୍ରମଣିଙ୍କୁ ଭଜହେ ଧ୍ୱନିରେ ପ୍ରକମ୍ପିତ ହୋଇଉଠି ଲୋକାରଣ୍ୟ ହୋଇପଡିଥିଲା ସମଗ୍ର ସହର। ଚୈତ୍ରମାସ ମଧଭାଗରୁ ଆରମ୍ଭ ହୋଇଥିବା ଏହି ଦଣ୍ଡଯାତ୍ରା ମେରୁ ସଂକ୍ରାନ୍ତି ଦିନ ଶେଷ ହୋଇଥାଏ। ଶରୀରକୁ ନାନାପ୍ରକାର କଷ୍ଟଦେଇ ମା'ଦଣ୍ଡକାଳୀଙ୍କ ଆର୍ଶିବାଦ ଲାଭ କରିଥାନ୍ତି ଭକ୍ତ। ଶେଷ ଦିନରେ ବିଭିନ୍ନ ଦଣ୍ଡ ପରେ ଆରମ୍ଭ ହୋଇଥିଲା ମେରୁପର୍ବ। ପାଣିଦଣ୍ଡ ହେଉଥିବା ପୋଖରି ତୁଠରୁ ପାଟଭୁକ୍ତାଙ୍କୁ ବୋହି ବୋହି ଯଜ୍ଞକୁଣ୍ଡ ନିକଟକୁ ଆଣିଥିଲେ ଦଣ୍ଡୁଆମାନେ। ଏହାପରେ ତାଙ୍କୁ ଜଳନ୍ତା ଅଗ୍ନିକୁଣ୍ଡ ଉପରେ ଥିବା ମେରୁଖୁଣ୍ଟରେ ଲଟକାଇ ରଖାଯିବାପରେ ଦଣ୍ଡଯାତ୍ରାର ସମାପନ ଘଟିଥିଲା। କବିସୂର୍ଯ୍ୟନଗର ଠାରେ ତିନି ଗୋଟି ଦଣ୍ଡ ଯାତ୍ରା ଦଳ ଧୋବା ପୁଞ୍ଜା, ମାଝୀ ପୁଞ୍ଜା ଓ ପରିଡା ପୁଞ୍ଜା ଭାବେ ରହିଥିବାବେଳେ ଏଥିରେ ଶତାଧିକ ମାନସିକଧାରୀ ମାନେ ଭୂକ୍ତାଭାବରେ ସାମିଲ ହୋଇଥଲେ।

**ବେଲଗୁଣ୍ଠା:** ମହାବିଷୁବ ସଂକ୍ରାନ୍ତି ଅବସରରେ ବେଲଗୁଣ୍ଠା ବ୍ଲକ୍‌ର ବିଭିନ୍ନ ଗ୍ରାମରେ ଉଦଯାପିତ ହୋଇଯାଇଛି। ଭକ୍ତି ଏବଂ ବିଶ୍ୱାସର ଗଣପର୍ବ ଦଣ୍ଡଯାତ୍ରା ଓ ଏହି ବ୍ଲକ୍‌ର ୧୮ଟି ଗ୍ରାମରୁ ଷୋହଳଟି ଗ୍ରାମରେ ସୋମବାର ମାସନ୍ତ ମେରୁ ଅନୁଷ୍ଠିତ ହୋଇଥିବା ବେଳେ ଆଜି ଆଉ ଦୁଇଟି ଗ୍ରାମରେ ସଂକ୍ରାନ୍ତି ମେରୁ ଉଦଯାପିତ ହୋଇ ରୁଦ୍ର ଏବଂ କାଳୀ ନିଜ ମନ୍ଦିରକୁ ଫେରିଥିବା ବେଳେ ମାନସିକ ଧାରୀ ଦଣ୍ଡଭୂକ୍ତାମାନେ ନିଜ ନିଜ ଘରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଗାଙ୍ଗପୁର ଥାନା ଅନ୍ତର୍ଗତ କେଶରାପଲ୍ଲୀ,ପଣିବନ୍ଧ ଏବଂ ଖୁକୁଣ୍ଡିଆ ଗ୍ରାମରେ ମଧ ସଂକ୍ରାନ୍ତି ମେରୁ ଉଦଯାପିତ ହୋଇଯାଇଛି ଓ ଆଜି ସକାଳୁ ସକାଳୁ ଦଣ୍ଡ ଦଳ ଗୁଡ଼ିକ ବିଭିନ୍ନ ଗ୍ରାମରୁ ନିଜ ଗ୍ରାମକୁ ଫେରି ସକାଳ ନୀତିକାନ୍ତି ଅନୁଷ୍ଠିତ କରିବା ସହିତ ସକାଳ ଦଶ ଘଣ୍ଟା ସମୟରେ ଧୂଳି ଦଣ୍ଡ ଏବଂ ଦିନ ଗୋଟାଏରେ ପାଣି ଦଣ୍ଡ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ଝାମୁଯାତ୍ରା ଦେଖିବା ପାଇଁ ମେରୁମଣ୍ଡପ ଗୁଡ଼ିକରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା



ଓ ହରିବୋଲ, ହୁଳହୁଳି, ଜୟ ରୁଦ୍ରକାଳୀ ଧ୍ୱନି ସହିତ ଢୋଲ, ମହୁରୀ, ଗିନି ଶବ୍ଦରେ ମେରୁ ମଣ୍ଡପ ଗୁଡ଼ିକ ପ୍ରକମ୍ପିତ ହୋଇଥିଲା।

## ଶ୍ରୀହନୁମାନ ଜୟନ୍ତୀ ପାଳିତ



ଛତ୍ରପୁର,୧୪।୪(ସମିସ): ଛତ୍ରପୁର ସହର ଓ ଆଖପାଖ ଅଞ୍ଚଳରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଚଳିତ ବର୍ଷ ପୋତିଗୋପାଳପୁର ସ୍ଥିତ ହନୁମାନ ଛକଠାରେ ମଧ ହନୁମାନ ଜୟନ୍ତୀ ପାଳନ କରାଯାଇଛି। ବିଗ୍ରହକୁ ପୂଜାର୍ଚ୍ଚନା କରାଯିବା ସହ ହୋମ, ହନୁମାନ ଚାଳିଶା ଏବଂ ବିଭିନ୍ନ ପୂଜା କରାଯାଇଥିଲା। କର୍ତ୍ତା ଭାବେ ଛତ୍ରପୁର ନଗର ବିଜେଡି ସଭାପତି ବି. ରାଜୁବାବୁ ଓ ତାଙ୍କର ଧର୍ମପତ୍ନୀ ତଥା ପୂର୍ବତନ କାଉନସିଲର ବି. ଜୟନ୍ତୀ ଦୋରା ଏବଂ ଅନ୍ୟତମ କର୍ତ୍ତା ଭାବେ ୧ନଂ ୱାର୍ଡ କାଉନସିଲର ଟି. ଗଣେଶ ରେଡ୍ଡୀ ଓ ତାଙ୍କର ଧର୍ମପତ୍ନୀ ଦାୟିତ୍ୱ ତୁଲାଇଛନ୍ତି। ସେହିପରି ଏହି ପୂଜା କାର୍ଯ୍ୟରେ ସ୍ଥାନୀୟ ମହିଳା ଓ ପୁରୁଷ ମାନେ ଉପସ୍ଥିତ ରହି ହନୁମାନଜୀଙ୍କ ପୂଜା କରିଥିଲେ।

## ୧୦୮ ହନୁମାନ ଚାଳିଶା ପାଠ



ରମ୍ଭା,୧୪।୪(ସମିସ): ମଙ୍ଗଳବାର ସାବୁଳିଆ ଦକ୍ଷିଣେଶ୍ୱର ମନ୍ଦିର ପରିସରରେ ସ୍ଥାପିତ ହନୁମାନ ମନ୍ଦିର ନିକଟରେ ଜୟ ବଜରଙ୍ଗ ବାଲୀ ସାବୁଳିଆ ଗ୍ରୁପ ଆନୁକୂଲ୍ୟରେ ୩୦ତମ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ କର୍ତ୍ତା ରୂପେ ବସନ୍ତ କୁମାର ପଣ୍ଡା ରହିଥିବା ବେଳେ ପୁରୋହିତ ନାରାୟଣ ରଥ, ଶ୍ରୀଧର ପଣ୍ଡା, କାହ୍ନା ପଣ୍ଡା ରହିଥିଲେ। କାର୍ଯ୍ୟକ୍ରମରେ ରଘୁନାଥ ମହାପାତ୍ର(ଉପଦେଷ୍ଟା ), ପୀତବାସ ସାହୁ (ଅବସରପ୍ରାପ୍ତ ଶିକ୍ଷକ), ମନୋରଞ୍ଜନ ବେହେରା (ବିଜେପି ରାଜ୍ୟ ସଂପାଦକ), ସିଦ୍ଧାର୍ଥ ଶଙ୍କର ପଲେଇ(ପୂର୍ବତନ ସରପଞ୍ଚ), ନବକିଶୋର ମାଝୀ, ବିନୋଦ ବିହାରୀ ଦାସ (ସମାଜସେବୀ), କୃଷ୍ଣଚନ୍ଦ୍ର ବେହେରା, ଅଜିତ କୁମାର ସାହୁ, ପ୍ରଶାନ୍ତ ପଣ୍ଡା, ସୁରେନ୍ଦ୍ର କୁମାର ସାହୁ, ରମେଶ ପଣ୍ଡା, ପ୍ରଦଶ ସାହୁ, ପଞ୍ଚାନନ ଖଟୁଆ ସହିତ ଦକ୍ଷିଣେଶ୍ୱର ପରିଚାଳନା କମିଟି ପ୍ରମୁଖ ସହଯୋଗ କରିଥିଲେ।

## ମେରୁପର୍ବ ଓ ହନୁମାନ ଜୟନ୍ତୀ



ପୁରୁଷୋତ୍ତମପୁର,୧୪।୪(ସମିସ): ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ମା'ଦଣ୍ଡକାଳୀଙ୍କ ୨୧ ଦିନ, ୧୮ ଦିନ, ୧୩ଦିନ ଦଣ୍ଡଯାତ୍ରା ମେଷ ସଂକ୍ରାନ୍ତିରେ ଉଦ୍‌ଯାପିତ ହୋଇଛି। ପୁରୁଷୋତ୍ତମପୁର ସହରରେ ଥିବା ଗୌଡ଼ପୁଞ୍ଜା, କାଳୀ କାଲୁଆ ଧୋବା ପୁଞ୍ଜା, ବିପତ୍ତି ହାରିଣି ତେଲି ପୁଞ୍ଜା ଦଣ୍ଡକାଳୀର ମେରୁ ପଡିଆ ଓ ସମ୍ପୂର୍ଣ୍ଣ ସହର ଜନ ସମୁଦ୍ର ହୋଇଥିଲା। ସହରର ପ୍ରତ୍ୟେକ କାଳୀମନ୍ଦିର ସମ୍ମୁଖରେ ଧୂଳିଦଣ୍ଡ, ମନ୍ଦିର ପୋଖରୀରେ ପାଣିଦଣ୍ଡ ନୀତି ସମ୍ପନ୍ନ ପରେ ମେରୁକୁଣ୍ଡରେ ଅଗ୍ନି ଜାଳି ପାଟଭୁକ୍ତାଙ୍କୁ ମେରୁକୁଣ୍ଡରେ ବନ୍ଧା ଯାଇଥିଲା। ପୁଲିସ ପ୍ରଶାସନ ପକ୍ଷରୁ ଏସଡିପିଓ ସୁଜିତ କୁମାର ନାୟକ ଓ ଆଇଆଇସି କୁଳମଣି ସେଠିଙ୍କ ତତ୍ତ୍ୱାବଧାନରେ ଟ୍ରାଫିକ ନିୟନ୍ତ୍ରଣ ଲାଗି ସହର ବିଭିନ୍ନ ସ୍ଥାନରେ ଫୋର୍ସ ମୁତୟନ ରହିଥିଲେ। ପ୍ରଚଣ୍ଡ ଖରାକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ପଣା ବଣ୍ଟନ କରାଯାଇଥିଲା। ରାତ୍ର ପ୍ରତ୍ୟେକ ଦଣ୍ଡ ନିଜ ନିଜ ପାର୍ଟି ଅଧିକାରୀଙ୍କ ଘର ସାମ୍ନାରେ ଓ ଦଣ୍ଡ ଘର ନିକଟରେ ମନୋରଞ୍ଜନ ପାଇଁ ନାଟ ପରିବେଷଣ କରିଥିଲେ। ସେହିପରି ପୁରୁଷୋତ୍ତମପୁର ବ୍ଲକର ଆଛୁଲି, ବାଣନଇ, ମୋରାବଇ, ଶିକୁଳା, ଜାମୁନି, ରାଉଳପଲ୍ଲୀ, କୋଳିଦାସପୁରୁ, ଭାଟକୁମରଡାରେ ମେରୁ ଯାତ୍ରା ପାଳନ ହୋଇଛି। ସେହିପରି ହନୁମାନ ଜୟନ୍ତୀ ଥିବାରୁ ବିଭିନ୍ନ ହନୁମାନ ମନ୍ଦିରରେ ହନୁମାନ ଚାଳିଶା ପାଠ କରାଯାଇଥିଲା।

## ହନୁମାନ ଜୟନ୍ତୀ ପାଳିତ




ଗଞ୍ଜାମ,୧୪।୪(ସମିସ): ଗଞ୍ଜାମ ସହରରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଗଞ୍ଜାମ ଏନଏସି ଅନ୍ତର୍ଗତ ଦାମୋଦରପୁରରେ ଥିବା ହନୁମାନ ମୂର୍ତ୍ତୀ ନିକଟରେ ପରମ୍ପାରିକ ରୀତିନୀତି ଅନୁଯାଇ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ପଣ୍ଡାସାହି ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା ସହ ହନୁମାନ ଚାଳିଶା ପଠନ କରାଯାଇଥିଲା। ଏହି ଅବସରରେ ପ୍ରହ୍ଲାଦ ନାଟକ ପରିବେଷଣ କରାଯାଇଥିଲା। ସେହିପରି ସହରରେ ଥିବା ସମସ୍ତ ହନୁମାନ ମନ୍ଦିର ଓ ଗଞ୍ଜାମ ବ୍ଲକ ଅନ୍ତର୍ଗତ ଖଟୁଆକୁଦା ଗ୍ରାମରେ ହନୁମାନଙ୍କ ପ୍ରତିମୂର୍ତ୍ତୀ ନିକଟରେ ମଧ ହନୁମାନ ଜୟନ୍ତୀ ପାଳିତ ହୋଇଥିଲା।

**ଧରାକୋଟ:** ଧରାକୋଟ ବ୍ଲକର ବିଭିନ୍ନ ସ୍ଥାନରେ ହନୁମାନ ଜୟନ୍ତୀ ଓ ମେରୁପର୍ବ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ଧରାକୋଟ ସ୍ଥିତ କାଳୀମନ୍ଦିର ନିକଟସ୍ଥ ସିଦ୍ଧ ହନୁମାନ ମନ୍ଦିର, ବଡ଼ଦାଣ୍ଡ ସାହି ହନୁମାନ ମନ୍ଦିର, ଶାନ୍ତିଝର ସ୍ଥିତ ହନୁମାନ ବାଟିକା, ବ୍ରଜ ମୋହନ ମଠ ସ୍ଥିତ ହନୁମାନ ବିଗ୍ରହ, ଖାରିଗୁମା ହନୁମାନ ମନ୍ଦିର, ହନୁମାନ ଦ୍ୱାର ହନୁମାନ ମନ୍ଦିର, ଢ଼ଉଗାଁ, କୁଶଗୁମା, ଜଗମୋହନ, ମଥୁରା ସନିଦେବ ମନ୍ଦିର ନିକଟ ହନୁମାନ ବାଟିକା, ସୁନାମୋହିରେ ଥିବା ବିଗ୍ରହ ଓ ମନ୍ଦିର ପରିସରରେ ହନୁମାନ ଚାଳିଶା ପାଠ କରାଯାଇଥିଲା। ସେହିପରି ମା' କାଳୀଙ୍କ ଦଣ୍ଡଯାତ୍ରାର ଶେଷ ଦିନରେ ଧରାକୋଟ, ମୁଣ୍ଡମରାଇ, ସୁନାପଲି, ଲକ୍ଷ୍ମୀପୁର, ପଙ୍କଳବାଡି, ବରଡାବିଲି, କାନଗିରିଡି, ମାଣିକପୁର, ପଣିବନ୍ଧ ଓ ଜାହାଡ଼ାରେ ମେରୁପର୍ବ ପାଳନ ହୋଇଯାଇଛି।

## ଓଡିଆ ନବବର୍ଷ ଓ ହନୁମାନ ଜୟନ୍ତୀ

ଭଞ୍ଜନଗର,୧୪।୪(ସମିସ): ପବିତ୍ର ଓଡ଼ିଆ ନବବର୍ଷ ଏବଂ ହନୁମାନ ଜୟନ୍ତୀ ଅବସରରେ ଭଞ୍ଜନଗର ଓ ଏହାର ଆଖପାଖ ଅଞ୍ଚଳରେ ବିଭିନ୍ନ ହନୁମାନ ମନ୍ଦିରରେ ୧୦୮ ହନୁମାନ ଚାଳିଶା ପାଠ, ହୋମଯଜ୍ଞ ଓ ଅନ୍ନ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସହରର ରଘୁନାଥ ମନ୍ଦିର ପରିସରରେ ହନୁମାନ ସ୍ୱେଚ୍ଛାସେବୀ ସଂଘ ପକ୍ଷରୁ ଆୟୋଜିତ ହୋମାଦିଯଜ୍ଞ କାର୍ଯ୍ୟକ୍ରମରେ ବିଷ୍ଣୁ ପ୍ରସାଦ ପ୍ରଧାନ ନିଜ ସହଧର୍ମିଣୀଙ୍କ ସହ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଏଠାରେ ୧୦୮ ହନୁମାନ ଚାଳିଶା ପାଠ ସହ ଶେଷରେ ଟାଉନ୍ ହଲ୍ ପରିସରରେ ୫ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଜନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସଂଘ ର ସମସ୍ତ ସଦସ୍ୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଏହାକୁ ପରିଚାଳନା କରିଥିଲେ। ସେହିପରି ସହରର ରଘୁନାଥ ମନ୍ଦିର ପରିସରରେ ଥିବା ହନୁମାନ ମହୋତ୍ସବ କମିଟି, ଭଞ୍ଜନଗର ସ୍ୱତନ୍ତ୍ର ସବ୍ ଜେଲ୍ ହନୁମାନ ମନ୍ଦିର କମିଟି, ଜିଲୁଣ୍ଡି ସ୍ଥିତ ହନୁମାନ ମନ୍ଦିର, ମଳାସ ପଦର ରୋଡ ହନୁମାନ ମନ୍ଦିର, ଭେଜିପୁଟ ହନୁମାନ ମନ୍ଦିର ଠାରେ ମଧ ବିପୁଳ ହର୍ଷ ଉଲ୍ଲାସର ସହ ହନୁମାନ ଜୟନ୍ତୀ ପାଳନ କରାଯାଇଛି।

## ପୋଲସରା ଅଞ୍ଚଳରେ ମେରୁଯାତ୍ରା ଉଦ୍‌ଯାପିତ



ପୋଲସରା,୧୪।୪(ସମିସ): ଗଞ୍ଜାମ ଜିଲ୍ଲାରେ ପ୍ରସିଦ୍ଧ ଦଣ୍ଡଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ଗ୍ରାମରେ ମା' ଦଣ୍ଡକାଳୀଙ୍କ ଦଣ୍ଡଯାତ୍ରା ଓ ପଣା ସଂକ୍ରାନ୍ତି ବହୁ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ପବିତ୍ର ଚୈତ୍ରମାସରେ ମାନସିକଧାରୀ ଶ୍ରଦ୍ଧାଳୁ ମାନେ ନିଜେ ନିଜର ପରମ୍ପରାକୁ ପାଥେୟ କରି ଦୀର୍ଘ ୧୩ ଦିନ ଧରି ମା' ଦଣ୍ଡକାଳୀ ଗାଁକୁ ଗାଁ ଧରି ପରିଭ୍ରମଣ କରିଥିଲେ। ଶେଷରେ ବେଲ କାଠରେ ନିର୍ମାଣ ହୋଇଥିବା ଦୁଇ ଖୁଣ୍ଟିରେ ମୁଖ୍ୟପାଟ ଦଣ୍ଡୁଆଙ୍କୁ ଦହିରେ ସ୍ନାନ କରାଇ ଗୋଡ଼ ଉପରକୁ ବାନ୍ଧି ମୁଣ୍ଡ ତଳକୁ କରି ମେରୁ ଅଗ୍ନିକୁଣ୍ଡରେ ଝୁଲି ମା'କାଳୀଙ୍କୁ ସମର୍ପଣରେ ଜଗତର କଲ୍ୟାଣ କରିଥାନ୍ତି। ପୋଲସରା ବ୍ଲକ ଅନ୍ତର୍ଗତ ପୋଲସରା, ରୁଖାକଣା, ତିରିବିରି, ହାତିଓଟ, ଜେମାଦେଇପୁର, ବିଲେଇଝୁରୀ, ପାଟିଗଡ, ଡୁଙ୍କାପଡା, ରୁମାଗାଡ, ତେନ୍ତୁଳିଆ, ରାଣୀପଡ଼ା, ଷୋଡକ ସମେତ ବିଭିନ୍ନ ଅଞ୍ଚଳରେରେ ମାସନ୍ତ ଓ ସଂକ୍ରାନ୍ତି ମେରୁ ପର୍ବ ବହୁ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇ ଥିବାବେଳେ ମାନସିକଧାରୀ ଦଣ୍ଡୁଆ ଓ ଶ୍ରଦ୍ଧାଳୁ ମାନେ ପୂଜାର୍ଚ୍ଚନା କରିଛନ୍ତି।

## ଏକକୋଟି ରୁଦ୍ରାକ୍ଷରେ ହନୁମାନ ବିଗ୍ରହ



ଆସିକା,୧୪।୪(ସମିସ): ଆସିକା ବାଣିବିହାର ସ୍ଥିତ ଗୁରୁକୃପା ଆଶ୍ରମରେ ନିଆରେ ଢଙ୍ଗରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଏକକୋଟି ରୁଦ୍ରାକ୍ଷରେ ହନୁମାନ ବିଗ୍ରହର ମୂର୍ତ୍ତି ସ୍ଥାପନ କରାଯାଇଥିଲା। ଏତଦ୍‌ବ୍ୟତୀତ ୯୮୦ କୋଟିର ରାମନାମକୁ ଉନ୍ମୋଚନ କରିଥିଲେ ସଦଗୁରୁ ଆତ୍ମାରାଜ ମହାରାଜ। ଏହି ଅବସରରେ ୧୦୮ ହନୁମାନ ଚାଳିଶା ଭକ୍ତମାନେ ପଠନକରିଥିଲେ।ଆସିକାଗୁରୁକୃପାଆଶ୍ରମରେପୃଥିବୀରସର୍ବାଧିକ ନାମ ସଂଗୃହିତ ହୋଇଛି। ପବିତ୍ର ହନୁମାନ ଜୟନ୍ତୀ ଅବସରରେ ଏକକୋଟି ରୁଦ୍ରାକ୍ଷରେ ବିଗ୍ରହ ସ୍ଥାପନ ଓ ୯୮୦ କୋଟି ନାମ ଉନ୍ମୋଚନ ସମସ୍ତ ଭକ୍ତଙ୍କୁ ଭାବବିହ୍ୱଳ କରିଥିଲା। କାର୍ଯ୍ୟକ୍ରମକୁ ଗୁରୁକୃପା ଆଶ୍ରମର ବହୁ ସାଧକ ମାନେ ସହଯୋଗ କରିଥିଲେ।

## ମୁକ୍ତେଶ୍ୱର ପୀଠରେ ଓଡ଼ିଆ ନବବର୍ଷ

ହୁମ୍ମା,୧୪।୪(ସମିସ): ଓଡ଼ିଆ ନବବର୍ଷ ପଣା ସଂକ୍ରାନ୍ତି (ମହା ବିଷୁବ ସଂକ୍ରାନ୍ତି) ମେରୁରେ ଗଂଜାମ ବ୍ଲକର ଶତ୍ରୁଶୋଳ ଗ୍ରାମ ନିକଟରେ ଥିବା ବାବା ମୁକ୍ତେଶ୍ୱରଙ୍କ ବହୁ ପୁରାତନ ପରମ୍ପରା ଗଞ୍ଜାମ ଜିଲ୍ଲାରେ ଐତିହାସିକ ହୋଇରହିଛି। ଏହି ପ୍ରାଚୀନ ପରମ୍ପରା ୬୦୦ରୁ ଉର୍ଦ୍ଧ୍ୱ ବର୍ଷ ଧରି ପାରମ୍ପରିକ ରୀତିନୀତିରେ ଗ୍ରାମବାସୀ ପକ୍ଷରୁ ଓଡ଼ିଆ ନବବର୍ଷ ପାଳନ କରି ଆସୁଛନ୍ତି। ଏହି ଅବସରରେ ବାବା ମୁକ୍ତେଶ୍ୱରଙ୍କ ପୀଠ ପ୍ରାଙ୍ଗଣରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ବାବା ମୁକ୍ତେଶ୍ୱରଙ୍କ ପୂଜାର୍ଚ୍ଚନା ପରେ ମନ୍ଦିରରୁ ବାହାରି ଗ୍ରାମର ପ୍ରତ୍ୟେକ ଘରକୁ ଯାଇ ପଣା ଓ ଭୋଗ ପ୍ରସାଦ ଗ୍ରହଣ କରିବାର ଲୋକକଥା ରହିଛି। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଯୁବ ପ୍ରତିଭା ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି। କାର୍ଯ୍ୟକ୍ରମରେ ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ପୂର୍ବତନ ଅଧ୍ୟକ୍ଷ ସୁରଥ ପ୍ରଧାନ ଯୋଗ ଦେଇ ବାବାଙ୍କ ଦର୍ଶନ ଲାଭ କରି ଆର୍ଶୀବାଦ ନେବା ସହ ଗ୍ରାମବାସୀଙ୍କୁ ଶୁଭେଚ୍ଛା କାମନା କରିଥିଲେ। ଅଞ୍ଚଳର ଯୁବ ସାମ୍ବାଦିକ ପ୍ରକାଶ କୁମାର ପଲେଇ, ଶ୍ରୀଧର ବେହେରା, ଗ୍ରାମ ମୁଖ୍ୟ ବ୍ୟକ୍ତି ଆର୍ତ୍ତତାଣ ପଲେଇ, ଅଜୟ ପଲେଇ, ରୂପକ ପଲେଇ, ସୁବାଷ ପଲେଇ, ପ୍ରମୋଦ ଜେନା, ବୁଲୁ ଜେନା, ସୁକାନ୍ତ ପଲାଇ, ବିକ୍ରମ ପଲେଇ କାଶୀନାଥ ଜେନା, ଗୋପାଳ ପଲେଇ, ରଞ୍ଜିତ ପଲେଇ ଉପସ୍ଥିତ ଥିଲେ।

## ରାଧେଶ୍ୟାମ ଫାଉଣ୍ଡେସନ ପକ୍ଷରୁ ପଣା ବଣ୍ଟନ




ଛତ୍ରପୁର,୧୪।୪(ସମିସ): ରାଧେଶ୍ୟାମ ଫାଉଣ୍ଡେସନ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସଭାପତି ତଥା ୧୦ ନଂ ୱାର୍ଡ କାଉନସିଲର ଦେବାଶିଷ ମିଶ୍ରଙ୍କ ନେତତ୍ୱରେ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୁରୋ ସ୍କୁଲର ମୁଖ୍ୟ ତଥା ଆଇନଜୀବୀ ରଞ୍ଜନ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ୧୧ନଂ ୱାର୍ଡ କାଉନସିଲର ସନ୍ତୋଷୀ ସେଠୀ, ୧୨ ନଂ. ୱାର୍ଡ କାଉନସିଲର ବି. ନିଶ୍ଚଳା ସ୍ୱାମୀ, ଟ୍ରଷ୍ଟ ଉପଦେଷ୍ଟା ଡ଼ଃ ପ୍ରଶାନ୍ତ ଶତପଥୀ, ଯୁଗ୍ମ ସମ୍ପାଦିକା ଗୀତାଞ୍ଜଳି ସାହୁ, ଯୁବନେତା ମନୋଜ କୁମାର ବେହେରା, ମାଙ୍ଗେଲେଶ୍ୱର ରାଓ, ଏ. ରାମପ୍ରସାଦ, ଶିକ୍ଷକ ନେତା ରବି ନାରାୟଣ ବେହେରା, ଭି. ଗୋପାଳ ସ୍ୱାମୀ, ଏନ୍. ଲିଙ୍ଗରାଜ ରେଡ୍ଡୀ, ଭବାନୀ ପାଣିଗ୍ରାହୀ, ଲକ୍ଷ୍ମୀନାରାୟଣ ପଣ୍ଡାଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଆ ନବବର୍ଷ



ଛତ୍ରପୁର,୧୪।୪(ସମିସ): ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଆ ନବବର୍ଷ ଓ ପଣା ସଂକ୍ରାନ୍ତି ପାଳିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସମୀର କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତଙ୍କୁ ଓଡ଼ିଆ ନବବର୍ଷ ଅବସରରେ ଅଭିନନ୍ଦନ ଜଣାଇବା ସହିତ ଏପ୍ରିଲ ପହିଲାରୁ ଆରମ୍ଭ ହୋଇ ଦୁଇ ସପ୍ତାହ ଧରି ଚାଲିଥିବା ସରକାରଙ୍କ "ଓଡିଆ ପକ୍ଷ' ପର୍ବ ବହୁବିଧ ସକ୍ଷମ ହୋଇଛି ବୋଲି ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତଥା ପ୍ରକଳ୍ପ ନିର୍ଦ୍ଦେଶକ, ଡୁଡା ସୁନୀଲ କୁମାର କେର୍କେଟା ଯୋଗଦେଇଥିଲେ। ଏହି ଉତ୍ସବରେ ଓରମାସ ଡେପୁଟି ସିଇଓ ରାଜ ଗୋପାଳ ଦାଶ, ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନଙ୍କ ସମେତ ବହୁ ଅଧିକାରୀ ଏବଂ କର୍ମଚାରୀ, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଆମ୍ବେଦକର ଜୟନ୍ତୀ




ଛତ୍ରପୁର,୧୪।୪(ସମିସ): ଭାରତୀୟ ସମ୍ବିଧାନର ମୁଖ୍ୟ ପ୍ରଣେତା ଡଃ ଭୀମ ରାଓ ରାମଜୀ ଆମ୍ବେଦକରଙ୍କ ୧୩୬ ତମ ଜିଲ୍ଲାସ୍ତରୀୟ ଜୟନ୍ତୀ ଓ ଓଡିଆ ନବବର୍ଷ ଜିଲ୍ଲା ପ୍ରଶାସନ ପକ୍ଷରୁ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ଗଞ୍ଜାମ ଡ. ପ୍ରମୋଦ କୁମାର ପୃଷ୍ଟି ଯୋଗଦେଇ କହିଥିଲେ ଯେ, ଡଃ ଆମ୍ବେଦକର ନିଜର ପ୍ରଗାଢ ପାଣ୍ଡିତ୍ୟ, ବିଚକ୍ଷଣ ବୁଦ୍ଧି ଓ ଅନ୍ୟ ଜ୍ଞାନୀଗୁଣି ବ୍ୟକ୍ତିଙ୍କ ସହଯୋଗରେ ବିଶ୍ୱର ସର୍ବବୃହତ୍ ଲିଖିତ ସମ୍ବିଧାନ ପ୍ରସ୍ତୁତି କାର୍ଯ୍ୟ ସୂଚାରୁରୂପେ ସଂପାଦନ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡା ସମ୍ମାନୀତ ଅତିଥି ଓ ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତଥା ପ୍ରକଳ୍ପ ନିର୍ଦ୍ଦେଶକ, ଡୁଡା ସୁନୀଲ କୁମାର କେର୍କେଟା ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ ଓ ଏନ୍. ନାରାୟଣ ରେ‡ୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୁରୋ ସ୍କୁଲର ମୁଖ୍ୟ ତଥା ଆଇନଜୀବୀ ରଞ୍ଜନ ମହାପାତ୍ର ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ଡଃ ଆମ୍ବେଦକରଙ୍କ ଉପରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଜନକ ତରାଇ, ଆଇନଜୀବୀ ଡ଼ଃ ପ୍ରଶାନ୍ତ ଶତପଥି, ସୟଦ ମୁକ୍ତାର, ଦିଲ୍ଲୀପ ପଲ୍ଲାଇଙ୍କ ସମେତ ବହୁ ବୁଦ୍ଧିଜୀବୀ, ସାମ୍ବାଦିକ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ

ରମ୍ଭା,୧୪।୪(ସମିସ): ବାବା ସାହେବ ଭୀମ ରାଓ ଆମ୍ବେଦକରଙ୍କ ୧୩୫ତମ ଜନ୍ମ ଜୟନ୍ତୀରେ ଆମ୍ବେଦକର ଶ୍ରମିକ ୟୁନିୟନ ସଙ୍ଘ ଉପସଭାପତି ତଥା ମତ୍ସ୍ୟଜୀବୀ ନେତା ଭୀମସେନ ବେହେରାଙ୍କ ଆନୁକୂଲ୍ୟରେ



ପୁଷ୍ପମାଲ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ଶିକ୍ଷକ ନେତା କୃଷ୍ଣଚନ୍ଦ୍ର ବେହେରା, ଶିକ୍ଷକ ସମୀର ଅଧିକାରୀ, ଅଭିରାମ ପ୍ରଧାନ, ରାଜେନ୍ଦ୍ର ସେଠୀ, ଆମ୍ବେଦକର ଚିନ୍ତାଧାରା ବେଣୁଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଗ୍ରାମେ ଗ୍ରାମେ ପ୍ରତିମୂର୍ତ୍ତି ତିଆରି ହୋଇ ପଛୁଆ, ଦଳିତ ଉନ୍ନତି ପାଇଁ ସ୍ୱର ଶାଣିତ ପାଇଁ ବଜ୍ର ଶପଥ ନେଇଥିଲେ।

## ଦଳିତ ସହାୟକ ସଂଗଠନ ପକ୍ଷରୁ ଆମ୍ବେଦକର ଜୟନ୍ତୀ

ଛତ୍ରପୁର,୧୪।୪(ସମିସ): ବାବା ସାହେବ ଡଃ ଭୀମରାଓ ରାମଜୀ ଆମ୍ବେଦକରଙ୍କ ଜୟନ୍ତୀ ଦଳିତ ସହାୟକ ସଂଗଠନ ପକ୍ଷରୁ ପାଳିତ ହୋଇଯାଇଛି। ଛତ୍ରପୁର ଲୋୟର ବସଷ୍ଟାଣ୍ଡଠାରେ ବାବା ସାହେବ ଆମ୍ବେଦକରଙ୍କ ସ୍ମୃତିଚାରଣ ସହ ସଂଗଠନ ପକ୍ଷରୁ ଶ୍ରମିକ ଓ ଦଳିତମାନଙ୍କ ହିତ ନିମନ୍ତେ ବିଭିନ୍ନ ଦାବି ସମ୍ପର୍କରେ ଲୋକଙ୍କୁ ସଚେତନତା କରାଯାଇଥିଲା। ଲୋଏର ବସ୍‌ଷ୍ଟାଣ୍ଡ ଠାରେ ଆମ୍ବେଦକର ପ୍ରତିମୂର୍ତ୍ତି ସ୍ଥାପନ ସହ ଏକ ଭବନ ନିର୍ମାଣ ପାଇଁ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଏଥିରେ ଦଳିତ ସହାୟକ ସଂଗଠନର ସଭାପତି କାଳୁ ଚାରଣ ନାୟକ, ଶ୍ରୀହରି ନାୟକ, ଯୁଗଳ କିଶୋର ବେହେରା, ଏନ. ମଧୁସୂଦନଙ୍କ ସମେତ ସଂଗଠନର ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ଅଗ୍ନି ନିରାପତ୍ତା ସଚେତନତା

ପାରଳାଖେମୁଣ୍ଡି,୧୪।୪(ସମିସ): ପାରଳାଖେମୁଣ୍ଡି ଅଗ୍ନିଶମ କେନ୍ଦ୍ର ପକ୍ଷରୁ ଆଜି ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ଜାତୀୟ ଅଗ୍ନିଶମ ସେବା ସପ୍ତାହ ପାଳନ କରାଯାଇଛି। ଏଥିରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ଯୋଗ ଦେଇ ସଚେତନତା କାର୍ଯ୍ୟକ୍ରମର ପ୍ରଶଂସା କରିବା ସହ ଏପରି ପଦକ୍ଷେପକୁ ସମର୍ଥନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ସହକାରୀ ଅଗ୍ନିଶମ ଅଧିକାରୀ ଧୀରେନ୍ଦ୍ର କୁମାର ଦାସଙ୍କ ଅଧ୍ୟକ୍ଷତାରେ ପରିଚାଳନା ହୋଇଥିବା ବେଳେ ବିଭାଗର ସମସ୍ତ ଦମକଳ ବାହିନୀ ଓ ଦମକଳ ଗାଡିଗୁଡିକ ନଗରପରିକ୍ରମା କରି ଅଗ୍ନି ସୁରକ୍ଷା ସମ୍ପର୍କିତ ସଚେତନତା କରିଥିଲେ।

## ଆଡ଼ିପଙ୍କା ଜଙ୍ଗଲରୁ ଅଜଣା ବ୍ୟକ୍ତି ଉଦ୍ଧାର



ବ୍ରାହ୍ମଣୀଗାଁ,୧୪।୪(ସମିସ): ଦାରିଙ୍ଗବାଡ଼ି ବ୍ଲକ ସ୍ଥିତ ହାତିମୁଣ୍ଡା ପଞ୍ଚାୟତ ଆଡିପଙ୍କା ଗ୍ରାମ ନିକଟବର୍ତ୍ତୀ ଜଙ୍ଗଲରୁ ଜଣେ ଅଜଣା ବ୍ୟକ୍ତିକୁ ଉଦ୍ଧାର କରାଯାଇଛି। ଆଡିପଙ୍କା ଗ୍ରାମର କିଛି ମହିଳା ଜଙ୍ଗଲକୁ ଶାଗ ତୋଳିବାକୁ ଯାଇ ଫେରିବା ବାଟରେ ଜଙ୍ଗଲ ମଧ୍ୟରେ ଜଣେ ଅଜଣା ବ୍ୟକ୍ତିକୁ ଅତି ଦୁର୍ବଳ ଅବସ୍ଥାରେ ଦେଖିବାକୁ ପାଇଥିଲେ। ଭୟଭୀତ ହୋଇ ଗାଁକୁ ଆସି ଖବର ଦେବା ପରେ ତୁରନ୍ତ ବ୍ରାହ୍ମଣୀଗାଁ ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ସମ୍ପୃକ୍ତ ବ୍ୟକ୍ତିକୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରାହ୍ମଣୀଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଚିକିତ୍ସା ବ୍ୟବସ୍ଥା କରିଥିଲା। ବ୍ୟକ୍ତି ଜଣକ ଓଡ଼ିଆ କହିପାରୁ ନଥିବା ବେଳେ ଯେଉଁ ଭାଷାରେ କଥା ହେଉଛନ୍ତି ତାହାକୁ କେହି ବୁଝି ପାରୁନାହାନ୍ତି। ବ୍ୟକ୍ତିଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଥିଲା। ପୁଲିସ ଏହି ଘଟଣାର ତଦନ୍ତ କରୁଛି।

## ଉଦ୍‌ଯାପିତ ହେଲା ଦଣ୍ଡନାଚ



ପାରଳାଖେମୁଣ୍ଡି,୧୪।୪(ସମିସ): ପାରଳାଖେମୁଣ୍ଡିରେ ଥିବା ମା ଶ୍ୟାମାକାଳୀ ମନ୍ଦିରରେ ଧୂଳିଦଣ୍ଡ ସହ ପବିତ୍ର ଦଣ୍ଡଯାତ୍ରା ଉଦ୍‌ଯାପିତ ହୋଇଛି।୧୩ ଦିନ ଧରି ଅନୁଷ୍ଠିତ ଦଣ୍ଡଯାତ୍ରା ଅତ୍ୟନ୍ତ ଭକ୍ତିପୂତର ସହ ପାଳିତ ହୋଇଥିଲା। ଏଥିଲାଗି ଶୁଭସ୍ଥାପନ ଏବଂ ବିଭିନ୍ନ ରୀତିନୀତିରେ ପୂଜାର୍ଚ୍ଚନା ହୋଇଥିଲା। ୧୩ ଦିନ ଧରି ଦଣ୍ଡୁଆ ଶୁଭଖୁଣ୍ଟି ଧରି ନଗର ପରିକ୍ରମା କରିଥିଲେ। ମାନସିକଧାରୀଙ୍କ ଘର ସମ୍ମୁଖରେ ଦଣ୍ଡଯାତ୍ରା ହୋଇଥିଲା। ପ୍ରତି ବର୍ଷ ଭଳି ମନ୍ଦିରର ପୂଜକ ମନୁ ପଟ୍ଟନାୟକ ଏହି ଦଣ୍ଡଯାତ୍ରାର ପୂଜାର୍ଚ୍ଚନା କରିଥିବା ବେଳେ ଦଣ୍ଡୁଆ ନିଷ୍ଠାର ସହ ପାଳନ କରିଥିଲେ। ଦଣ୍ଡନାଚ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା।

## ପାରଳାରେ ପଣାସଂକ୍ରାନ୍ତି

ପାରଳାଖେମୁଣ୍ଡି,୧୪।୪(ସମିସ): ପାରଳାଖେମୁଣ୍ଡିରେ ମହାସମାହରୋହରେ ବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଏବଂ ପଣାସଂକ୍ରାନ୍ତି ପାଳିତ ହୋଇଯାଇଛି। ଏହି ଅବସରରେ ମହାବୀର ଜୟନ୍ତୀ ମଧ୍ୟ ବିଭିନ୍ନ ଅନୁଷ୍ଠାନ ତଥା ମନ୍ଦିର ମାନଙ୍କରେ ପାଳନ ହୋଇଛି। ସହରର ସର୍ବପୁରାତନ କଲେଜ ଛକ, ନେହେରୁ ଛକ, ତେଟା ହନୁମାନ, ରେଳଷ୍ଟେସନ ଆଦି ମନ୍ଦିର ସହ କରଣ ସାହି, କେଉଟ ସାହିସ୍ଥିତ ହନୁମାନ ବିଗ୍ରହରେ ପୂଜାର୍ଚ୍ଚନା, ପୂର୍ଣ୍ଣାହୂତି, ୧୦୮ ହନୁମାନ ଚାଳିଶା ପଠନ, ପଣାବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା। ଏହାବ୍ୟତୀତ ଏହି ସବୁ ସ୍ଥାନଗୁଡିକରେ ବିଭିନ୍ନ କମିଟି ପକ୍ଷରୁ ଅନ୍ନସେବା କାର୍ଯ୍ୟକ୍ରମ ଶ୍ରଦ୍ଧାଳୁଙ୍କ ପାଇଁ ଆୟୋଜନ କରାଯାଇଥିଲା। ସେହିପରି ବିଭିନ୍ନ ଛକ ସ୍ଥାନରେ ବିଭିନ୍ନ ଯୁବଗୋଷ୍ଠୀ ଏବଂ ବିଭିନ୍ନ ସଂଗଠନ ପକ୍ଷରୁ ପଣା ପଥଚାରୀଙ୍କୁ ବଣ୍ଟନ କରାଯାଇଥିଲା। ସେହିପରି ଆଜି ଓଡ଼ିଆ ନବବର୍ଷ ହୋଇଥିବା ଯୋଗୁଁ ନିଜ ନିଜ ମଧ୍ୟରେ ଅଭିନନ୍ଦନ ବାର୍ତ୍ତା ଦେଉଥିବା ଦେଖାଯାଇଥିଲା। ପାରଳାଖେମୁଣ୍ଡି ଆନ୍ଧ୍ର ସୀମାନ୍ତ ବର୍ତ୍ତୀ ଅଞ୍ଚଳ ଏବଂ ଓଡିଆ ତେଲୁଗୁ ଦ୍ୱିଭାଷୀ ଅଞ୍ଚଳ ହୋଇଥିଲେ ମଧ୍ୟ ଏଠାରେ ଭାଇଚାରା ଦୃଷ୍ଟିରୁ ଓଡ଼ିଆ ନବବର୍ଷକୁ ସମସ୍ତେ ଧୂମଧାମରେ ପାଳନ କରିଥିଲେ।



# ବିଭିନ୍ନ ସ୍ଥାନରୁ ବିପୁଳ ଗଞ୍ଜେଇ ଜବତ

## ପରିତ୍ୟକ୍ତ ଘରୁ ୨୦୧୦ କିଲୋ ଗଞ୍ଜେଇ ଜବତ



ପାରଳାଖେମୁଣ୍ଡି,୧୪।୪(ସମିସ): ଜଙ୍ଗଲରେ ଲୁଚାଇ ରଖାଯାଇଥିବା ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି ଆର୍.ଉଦୟଗିରି ପୁଲିସ। ବିଶେଷସୂତ୍ରରୁ ଖବର ପାଇ ସୋମବାର ଆର୍.ଉଦୟଗିରି ଏସ୍‌ଡ଼ିପିଓ ରାକେଶ କୁମାର ସାହୁଙ୍କ ନେତୃତ୍ୱରେ ଆର୍.ଉଦୟଗିରି ଥାନା ଅଧିକାରୀଙ୍କ ସହ ପୁଲିସ ଫୋର୍ସ କିରାମା ପଞ୍ଚାୟତ ବିମନପୁର ଗ୍ରାମ ନିକଟ ଜଙ୍ଗଲରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଏକ ପରିତ୍ୟକ୍ତ ଘର ଭିତରେ ଓ ବାହାରେ ପ୍ରାୟ ୪ରୁ ୫ଫୁଟ ପର୍ଯ୍ୟନ୍ତ ଗାତ ଖୋଳି ପ୍ଲାଷ୍ଟିକ ଡ୍ରମ ଏବଂ ଟିଣ ବକ୍ସରେ ଗଞ୍ଜେଇ ଲୁଚାଇ ରଖାଯାଇଥିବା ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ପୁଲିସ ଲୁଚାଇ ରଖାଯାଇଥିବା ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇକୁ ୬୭ ପ୍ଲାଷ୍ଟିକ ଜରି ବସ୍ତାରେ ଭର୍ତ୍ତି କରି ଓଜନ କରାଯାଇଥିଲା। ଓଜନ ବେଳେ ୨୦୧୦ କିଲୋ ଗଞ୍ଜେଇ ଥିବା ଜଣାପଡିଥିଲା। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୨କୋଟି ଟଙ୍କା ହେବ ବୋଲି ଏସ୍‌ଡିପିଓ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଘଟଣା ସ୍ଥଳରୁ ଅଭିଯୁକ୍ତ ଚମ୍ପଟ ମାରିଥିବା ବେଳେ ପୁଲିସ ତଦନ୍ତ ଜାରି ରଖିଛି। ଗତ କିଛିଦିନ ଭିତରେ ଏସଡିପିଓଙ୍କ ନେତୃତ୍ୱରେ ପୁଲିସ ପକ୍ଷରୁ ଶତାଧିକ ଟନ୍ ଗଞ୍ଜେଇ ଜବତ କରିଛି। ହେଲେ ଗଞ୍ଜେଇ ମାଫିଆ ଦିନକୁ ଦିନ ନୂଆଁ ନୂଆ ଉପାୟ ଆପଣାଇବାରେ ଲାଗିଛନ୍ତି। ସେମାନେ ଯେତେ ଉପାୟ ଆପଣାଇଲେ ମଧ୍ୟ ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଜାରି ରହିବ ବୋଲି ଏସ୍‌ଡ଼ିପିଓ ଶ୍ରୀ ସାହୁ କହିଛନ୍ତି।

## କାର୍ ସହ ୧ କୁଇଣ୍ଟାଲ ଗଞ୍ଜେଇ ଜବତ; ୨ ଗିରଫ

ଫିରିଙ୍ଗିଆ,୧୪।୪(ସମିସ): ଫିରିଙ୍ଗିଆ ପୁଲିସର ଏକ ଟିମ ଏକ କାର୍ ସହ ୧ କୁଇଣ୍ଟାଲ ୮ ଶହ ଗ୍ରାମ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ଦୁଇଜଣ ବିହାରୀ ଗଞ୍ଜେଇ ମାଫିଆକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୋମବାର ଭୋରରେ ଏକ କାରରେ ଫିରିଙ୍ଗିଆ ଥାନା ଅଞ୍ଚଳରୁ ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ ହେଉଥିବା ପୁଲିସକୁ ଖବର ମିଳିଥିଲା। ଖବର ପାଇ ଏସଆଇ ଦୀପକ କୁମାର ରାଉତଙ୍କ ସହ ଏକ ଟିମ କାରଟୁ ଫିରିଙ୍ଗିଆ-ସାରଙ୍ଗଗଡ଼ ରାସ୍ତାର ରତଙ୍ଗ ନିକଟରେ କାର୍‌କୁ ଅଟକାଇବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ପୁଲିସକୁ ଚକମା ଦେଇ କାର ଖସି ଯିବାକୁ ଚେଷ୍ଟା କରୁଥିବାବେଳେ ପୁଲିସ ପିଛା କରିଥିଲା। ଶେଷରେ କାରରେ ଥିବା ମାଫିଆ ଫୁଲବାଣୀ ଆନନ୍ଦ ବଜାର ନିକଟରେ କାରକୁ ଛାଡି ଦେଇ ଫେରାର ହୋଇଯାଇଥିଲେ। ପରେ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଏବଂ ମାଫିଆଙ୍କ ଫୋନ ନମ୍ବରକୁ ଟ୍ରାକିଂ କରାଯାଇଥିଲା। ଏକ ବସରେ ସେମାନେ ଭୁବନେଶ୍ୱର ଯାଉଥିବା ପୁଲିସକୁ ସୂଚନା ମିଳିଥିଲା। ଫିରିଙ୍ଗିଆ ପୁଲିସ ଭୁବନେଶ୍ୱର ତମାଣ୍ଡୋ ପୁଲିସର ସହଯୋଗରେ ଏକ ଘରୋଇ ବସରୁ ମାଫିଆଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ଗିରଫ ଦୁଇ ମାଫିଆଙ୍କ ମଧ୍ୟରେ ଜଣେ ବିହାରର ଭାବୁଆ ଜିଲ୍ଲା ମୋହନିଆଁ ଥାନା ବରକତ ନଗର ଗାଁର ଇବ୍ରାହିମ ଫାରୁକ ଓ ଅନ୍ୟ ଜଣେ ଭାବୁଆ ଜିଲ୍ଲା ମୋହନିଆଁ ଥାନା ସାମାଜୁଟା ଗାଁର ରାହୁଲ କୁମାର ବୋଲି ଜଣାପଡିଛି। ମଙ୍ଗଳବାର ଫିରିଙ୍ଗିଆ ପୁଲିସ ଫୁଲବାଣୀ ଫିରିଙ୍ଗିଆ ମୁଖ୍ୟ ରାସ୍ତାର ଶନି ମନ୍ଦିର ନିକଟରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କାରରୁ ଗଞ୍ଜେଇକୁ ବାହାର କରିବା ସହ ଓଜନ କରି ଭିଡିଓଗ୍ରାଫି କରିଛି। ଏହା ସହ ଏହି ଘଟଣାକୁ ନେଇ ଥାନାରେ ଏକ ମାମଲା ରୁଜୁ କରି ଗିରଫ ୨ ଅଭିଯୁକ୍ତଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି।




## ହନୁମାନ ଜୟନ୍ତୀ ଓ ଓଡ଼ିଆ ନବବର୍ଷ



ଜି.ଉଦୟଗିରି,୧୪।୪(ସମିସ): ଜି.ଉଦୟଗିରିର ବିଭିନ୍ନ ସ୍ଥାନରେ ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ଓ ହନୁମାନ ଜୟନ୍ତୀ ପାଳିତ ହୋଇଛି। ହନୁନାମ ବିଗ୍ରହକୁ ଧରି ପଶୁରାମବାହିନୀ ଶୋଭାଯାତ୍ରାରେ ବାହାର କରି ସହର କରିକ୍ରମା କରାଯାଇଥିଲା। ବାହିନୀ ତରଫରୁ ସଂଜରେ ଆଚାର୍ଯ୍ୟ, ହେମନ୍ତ ପାଣିଗ୍ରାହୀ, ଗଣେଶ ପାଢ଼ୀ, ଭୋଳା ଶଙ୍କର ସାମନ୍ତରାୟ, ବିଦେଶୀ ପଣ୍ଡା, ସୁଲିଆ ପତି, ଦଣ୍ଡପାଣି ପାଢ଼ୀ ସହ ବହୁ ସଭ୍ୟ ଭାଗ ଯୋଗଥିଲେ। ସେହିଭଳି ମା ଶେସିବାଲି ପୀଠରେ ପୀଠ ପୂଜାରୀ ଉଦେଶନ ପ୍ରଧାନ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ରୀତିନୀତି ଅନୁଷ୍ଠିତ ହୋଇଥିବା ବେଳେ ଅମର ପ୍ରଧାନ, ବାହାନ ପ୍ରଧାନ, ଅଜିତ ପ୍ରଧାନ, ଶୁଭ୍ରାକାନ୍ତ ପ୍ରଧାନ, ଅମୁଲ୍ୟ ସାହୁ, ପଞ୍ଚୁ ପ୍ରଧାନ, ରାମପତି ପ୍ରଧାନ ସହିତ ଜଡ଼ାଙ୍ଗବାଲି, କୁମ୍ଭାରକୁପାର ଗ୍ରାମର ଗ୍ରାମବାସୀ ଏହି ଅବସରରେ ଉପସ୍ଥିତ ଥିଲେ। ଜି ଉଦୟଗିରି ପଦାସାହରେ ନିର୍ମାଣାଧୀନ ଶ୍ରୀରାମ ମନ୍ଦିର ନିକଟରରେ ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଶ୍ରୀରାମ ମନ୍ଦିର ପରିଚାଳନା କମିଟି ବ୍ୟାପକ ପକ୍ଷରୁ ବ୍ୟବସ୍ଥା କରାଯାଇଥିବାବେଳେ ନାମ ଯଜ୍ଞ,, ଅନ୍ନଯଜ୍ଞ , ଘୃତଯଜ୍ଞ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ହନୁମାନ ଜୟନ୍ତୀ ପାଳନ ପୂର୍ବକ ବିରାଟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରାଯାଇଥିଲା। ପରିଚାଳନା କମିଟି ତରଫରୁ ସଭାପତି ସନ୍ତୋଷ କୁମାର ବାଘ, ଉପ ସଭାପତି ଦୁର୍ଗାମାଧବ ପଟ୍ଟନାୟକ, କୋଷାଧ୍ୟକ୍ଷ ହେମନ୍ତ କୁମାର ପ୍ରଧାନ, ସମାଜସେବୀ ଅନିଲ କୁମାର ପଟ୍ଟନାୟକ, ସୁଦାମ ପାତ୍ର, ସଂଜୀବ ପ୍ରଧାନ, ଲଳିତ ଦଳବେହେରା, ଭାଗବତ ଆର୍ଜେଲି, ଦୀପକ ଦଳ ବେହେରା, ପୁର୍ଣ୍ଣ ପ୍ରଧାନଙ୍କ ସହିତ ଗ୍ରାମବାସୀ ଏଥିରେ ସାମିଲ ହୋଇଥିଲେ।

## କିନ୍ତେସାହି ତାରିଣୀ ପୀଠରେ ପଣା ସଂକ୍ରାନ୍ତି

**ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼**



ରାୟଗଡ,୧୪।୪(ସମିସ): ଆଜି ପବିତ୍ର ପଣା ସଂକ୍ରାନ୍ତି ତଥା ଓଡ଼ିଆ ନୂତନ ବର୍ଷ ଅବସରରେ ରାୟଗଡ଼ ବ୍ଲକ କିନ୍ତେସାହି ଗ୍ରାମରେ ମା' ତାରିଣୀଙ୍କ ମନ୍ଦିରରେ ଆଧ୍ୟାତ୍ମିକ ପରିବେଶ ଦେଖିବାକୁ ମିଳିଥିଲା। ମା'ଙ୍କ ପାଖରେ ପଣା ଭୋଗ ଲାଗି କରିବା ସହ ନୂତନ ବର୍ଷର ଆଶୀର୍ବାଦ ଭୀକ୍ଷା କରିବା ପାଇଁ ଭୋରରୁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି ପରିଲକ୍ଷିତ ହୋଇଥିଲା। ମନ୍ଦିରରେ ମା'ଙ୍କୁ ସ୍ୱତନ୍ତ୍ର ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ମୁଖ୍ୟ ପୂଜକ ସୀମାଞ୍ଚଳ ଭୂୟାଁ ଓ ଜନାର୍ଦ୍ଦନ ରଇତଙ୍କ ଦ୍ୱାରା ବିଶ୍ୱ ଶାନ୍ତି ଓ କଲ୍ୟାଣ ପାଇଁ ସ୍ୱତନ୍ତ୍ର ହୋମଯଜ୍ଞ ମଧ୍ୟ ଅନୁଷ୍ଠିତ ହୋଇଥିଲା। ମନ୍ଦିରକୁ ଆସୁଥିବା ଭକ୍ତ ମା'ଙ୍କ ପାଖରେ ପଣା ଓ ନଡ଼ିଆ ଅର୍ପଣ କରିବା ସହ ନିଜ ପରିବାରର ମଙ୍ଗଳ କାମନା କରିଥିଲେ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମନ୍ଦିର କମିଟି ପକ୍ଷରୁ। ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟ ଜଳ ଓ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ସେହିପରି ପଣା ସଂକ୍ରାନ୍ତ ଉପଲକ୍ଷେ ବିଭିନ୍ନ ସ୍ଥାନରେ ହନୁମାନ ମନ୍ଦିରରେ ଆଡ଼ମ୍ବର ସହକାରେ ହନୁମାନ ଜୟନ୍ତୀ ପାଳନ କରାଯାଇଛି।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ଗୋଷାଣି,୧୪।୪(ସମିସ): ରାଜ୍ୟରାଜପଥ-୪ ଗୋଷାଣି ବ୍ଲକ ଗାରାବନ୍ଧ ଥାନା ଠାରୁ ମାତ୍ର କିଛି ଦୂରରେ ଏକ ସଡକ ଦୁର୍ଘଟଣାରେ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ଗୁରାଣ୍ଡି ଗ୍ରାମ ପାଲି ସାହିର ଦୋନା ଅଶୋକ (୨୦) ବୋଲି ଜଣାପଡିଛି। ଅଶୋକ ବାଇକରେ ଗୁରାଣ୍ଡି ଠାରୁ ଲାବାଣ୍ୟଗଡ ପଞ୍ଚାୟତ ଅନ୍ତର୍ଗତ ଦେଉପୁରରେ ରହୁଥିବା ଭଉଣୀଙ୍କ ଘରକୁ ସେଉଦା ସାମଗ୍ରୀ ଦେବାପାଇଁ ଯାଉଥିଲେ। ଗାରାବନ୍ଧ ଥାନାର କିଛି ଦୂରରେ ଥିବା ଏକ ଗ୍ରାନାଇଟ୍ ଫେକ୍ଟ୍ରି ନିକଟରେ କୌଣସି କାରଣରୁ ଭାରସାମ୍ୟ ହରାଇ ରାଜ୍ୟରାଜପଥର ତଟରେ ଥିବା ଏକ ଗଛକୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ଅଶୋକଙ୍କ ଶୋଚନୀୟ ମୃତ୍ୟୁ ଘଟିଥିଲା। ଖବର ପାଇ ଗାରାବନ୍ଧ ଥାନା ଅଧିକାରୀ ପ୍ରଶାନ୍ତ ନିସିକା ସଦଳବଳେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ପଠାଇଛନ୍ତି। ଏନେଇ ଗାରାବନ୍ଧ ଥାନାରେ ଏକ ସଡକ ଦୁର୍ଘଟଣା ଜନିତ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବାର ଘଟଣାର ତଦନ୍ତ ଦାୟିତ୍ୱ ନେଇଥିବା ଏସ୍‌ଆଇ ଲୋକନାଥ ବେହେରା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଆଜି ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁଁ ଅଶୋକଙ୍କ ମୁଣ୍ଡ ବୁଲାଇବାରୁ ଏପରି ଦୁର୍ଘଟଣା ଘଟିଥିବା ଆଲୋଚନା ହେଉଛି।

## ଛାତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମ; ବିଜ୍ଞାନ ଶିକ୍ଷକ ଗିରଫ



ଟିକାବାଲି,୧୪।୪(ସମିସ): ଶିକ୍ଷାୟତନରେ କଳଙ୍କ। ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ଜଣେ ବିଜ୍ଞାନ ଶିକ୍ଷକଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଶିକ୍ଷକ ଜଣକ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ପାଟପୁରପାଟଣା ଗ୍ରାମର ଜିତେନ୍ଦ୍ର ମଳିକ (୪୬)।

ସୂଚନା ଅନୁସାରେ, ଅଭିଯୁକ୍ତ ଜିତେନ୍ଦ୍ର ଟିକାବାଲି ଥାନା ଅନ୍ତର୍ଗତ ପିକରଡ଼ିସ୍ଥିତ ବ୍ଲକ ଗ୍ରାଣ୍ଟ ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ପୂର୍ବରୁ ସେ ସ୍କୁଲ ହଷ୍ଟେଲରେ ରହିବା ସମୟରେ ମଦ୍ୟପାନ କରି ଛାତ୍ରୀଙ୍କୁ ଦୁର୍ବ୍ୟବହାର କରୁଥିବା ନେଇ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ସ୍କୁଲ କମିଟି, ଶିକ୍ଷକ ଓ ଅଭିଭାବକଙ୍କ ନିଷ୍ପତ୍ତି କ୍ରମେ ତାଙ୍କୁ ହଷ୍ଟେଲରୁ ବାହାର କରି ଦିଆଯାଇଥିଲା। ତଥାପି ସେ ପିକରଡ଼ି ଗ୍ରାମରେ ରହି ସ୍କୁଲକୁ ଯାଉଥିଲେ। ଗ୍ରାମରେ ରହିବା ସମୟରେ ସେ ସ୍କୁଲର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ କରିଥିବା ଛାତ୍ରୀଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଶିକ୍ଷକଙ୍କୁ କାବୁ କରିଥିଲା। ଏ ନେଇ ଟିକାବାଲି ଥାନାରେ ଏକ ମାମଲା ରୁଜୁ କରାଯାଇଛି। ସୋମବାର ଅଭିଯୁକ୍ତର ଡାକ୍ତରୀ ମାଇନ ପରେ କୋର୍ଟ ଚାଲାଣ କରାଯାଇଥିବା ନେଇ ଟିକାବାଲି ଥାନା ଅଧିକାରୀ ସମୀର କୁମାର ବେହେରା ସୂଚନା ଦେଇଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ବିଭିନ୍ନ ସ୍ଥାନରେ ଆମ୍ବେଦକରଙ୍କ ଜୟନ୍ତୀ






ପାରଳାଖେମୁଣ୍ଡି,୧୪।୪(ସମିସ)

ପାରଳାଖେମୁଣ୍ଡିରେ ଭାରତରତ୍ନ ବାବାସାହେବ ଡ.ଭୀମରାଓ ଆମ୍ବେଦକରଙ୍କ ୧୩୫ ତମ ଜୟନ୍ତୀ ପାଳିତ ହୋଇଛି। ନୂତନ ବସ୍ ଷ୍ଟାଣ୍ଡରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଅତିଥିଙ୍କ ଦ୍ୱାରା ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନନାଗା, ପାରଳାଖେମୁଣ୍ଡି ପୌରପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ନିର୍ବାହୀ ଅଧିକାରୀ ପୌରପରିଷଦ ଲକ୍ଷ୍ମଣ କୁମାର ମୁର୍ମୁ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇ ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଅତିଥିମାନେ ଆମ୍ବେଦକର ସ୍ୱତନ୍ତ୍ରତା, ସମାନତା ଓ ସାମାଜିକ ନ୍ୟାୟ ଆଧାରିତ ସମାଜ ନିର୍ମାଣ କରିବା ପାଇଁ ଆଜୀବନ ପ୍ରଚେଷ୍ଟା କରିଥିଲେ ବୋଲି ଅତିଥିମାନେ କହିଥିଲେ। ଏହି ପରିପ୍ରେକ୍ଷୀରେ ଏକ ଶୋଭାଯାତ୍ରା ସ୍ଥାନୀୟ ଦଣ୍ଡମାଳା ସାହି ଠାରୁ ବାହାରି ନୂତନ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। ଏହି ଶୋଭାଯାତ୍ରାରେ ସ୍ଥାନୀୟ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ବିଭିନ୍ନ ବିଭାଗର ଅଧିକାରୀ କର୍ମଚାରୀ ଓ ଜନସାଧାରଣ ସାମିଲ ହୋଇଥିଲେ।

**କାଶୀନଗର:** କାଶୀନଗରର୧,୨ ଓ ୩ ୱାର୍ଡରେ ଆମ୍ବେଦକର ଜୟନ୍ତୀ ପାଳିତ ହୋଇଛି। ଆମ୍ବେଦକର ଯୁବ ସଂଘ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ଏମ. ସୁଧାରାଣୀ, ସମ୍ମାନିତ ଅତିଥି ଭାବେ ଥାନା ଅଧିକାରୀ ତ୍ରିନାଥ ସେଠୀ, ସବ୍‌ଇନ୍ସପେକ୍ଟର ଆଲୋକ ଜଗଦଳା, ୧,୨,୩,୭,୮ ଓ ୯ ନଂ ୱାର୍ଡ କାଉନସିଲର ମଞ୍ଚାସୀନ ଥିଲେ। ପ୍ରଥମେ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ପୂର୍ବରୁ ହୋଇଥିବା ପ୍ରବନ୍ଧ ଓ ଚିତ୍ରାଙ୍କନ ପରି ବିଭିନ୍ନ କାର୍ଯ୍ୟକ୍ରମରେ ଭାଗନେଇ ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ ଉପସ୍ଥିତ ଅତିଥି ବୃନ୍ଦ। କାର୍ଯ୍ୟକ୍ରମରେ କାଶୀନଗର ଅଞ୍ଚଳର ବହୁ ଛାତ୍ରଛାତ୍ରୀ, ଜନସାଧାରଣ ଓ ମାନ୍ୟଗଣ ବ୍ୟକ୍ତି ଉପସ୍ଥିତ ହୋଇଥିଲେ।

**ଗୁମ୍ମା:** ଗୁମ୍ମା ବ୍ଲକର ଟ୍ରାଇବାଲ ଏକାଡେମି କର୍ଯ୍ୟାଳୟ ଠାରେ ଡ. ବି.ଆର୍. ଆମ୍ବେଦକରଙ୍କ ୧୩୫ ତମ ଜନ୍ମ ଜୟନ୍ତୀ ଗୁମ୍ମା ବ୍ଲକରେ ପ୍ରଥମ କରି ପାଳନ କରାଯାଇଛି। ସମାବେଶରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁଲାରାମ ମାରାଣ୍ଡି, ତହସିଲଦାର ଶରତ ଶବର, ସିଡିପିଓ ପୁଷ୍ପାଞ୍ଜଳି ସାହୁ, ସମାଜସେବୀ ସାହେବ୍ ବିଶୋଇ ଓ ମୁଖ୍ୟବକ୍ତା ଭାବେ ସମାଜସେବୀ ଲାଜାର୍ ଲିମା ଯୋଗ ଦେଇ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥ ତାଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ସାଧାରଣ ଲୋକଙ୍କ ଅନୁରୋଧ କ୍ରମେ ଗୁମ୍ମା ବ୍ଲକରେ ଆଗାମୀ ଦିନରେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀ ସ୍ଥାପନ କରି ଏହାକୁ ପ୍ରତିବର୍ଷ ଜନ୍ମ ଜୟନ୍ତୀକୁ ଆଡମ୍ବର ଭାବେ ପାଳନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା।

**ରାଇକିଆ:** ରାଇକିଆରେ ଭାରତର ସମ୍ବିଧାନ ପ୍ରଣେତା ଭାରତ ରତ୍ନ ଡ. ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜନ୍ମ ଜୟନ୍ତୀ ଆମ୍ବେଦକର ବିଚାର ମଞ୍ଚ ପକ୍ଷରୁ ପାଳନ କରାଯାଇଛି। ଭୀମ ଆର୍ମି ତରଫରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ବସଷ୍ଟାଣ୍ଡ ଦେଇ ରାଇକିଆର ଚାରି ଛକ ସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ଅତିଥି ଓ କର୍ମକର୍ତ୍ତାଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯାଇଥିଲା। ପରେ ଭୀମ ଆର୍ମିର ରାଜ୍ୟ ସ୍ତରୀୟ ଉପସଭାପତି ଇ.ଅନିଲ କୁମାର ମଲ୍ଲିକ ଆମ୍ବେଦକରଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ସଭାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ଭାରତମୁକ୍ତି ମୋର୍ଚ୍ଚା ଓଡ଼ିଶାର ସଭାପତି ମାଧବ ଚନ୍ଦ୍ର ସୁନାନୀ ଏବଂ ସାମାଜିକ କର୍ମୀ ଯୁଗଳ କିଶୋର ରଣଜିତ୍ ଉପସ୍ଥିତ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ଦେଇଥିଲେ। ଭୀମ ଆର୍ମି ସଭାପତି ଲକ୍ଷ୍ମଣ ପ୍ରଧାନ, ଉପଦେଷ୍ଟା ଭାସ୍କର ପ୍ରଧାନ, ପ୍ରଦୀପ କୁମାର ପ୍ରଧାନ, ଲଳିତ ମୋହନ ଦିଗାଲ, ସଂପାଦକ ମନୋଜ ଦିଗାଲ, କୋଷାଧ୍ୟକ୍ଷ ବାସୁଦେବ ପ୍ରଧାନ ଏବଂ ଯୁବନେତା ବ୍ଲେସନ ଦିଗାଲ, ଅର୍ମନ ନାୟକ ଓ ଅନ୍ୟମାନେ ପରିଚାଳନା ସହ ସଂଯୋଜନା କରିଥିଲେ।




## କଂଗ୍ରେସର ସ୍ୱାଗତ ସମ୍ବର୍ଦ୍ଧନା ସଭା

ଗୁମ୍ମା,୧୪।୪(ସମିସ): ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀ ଗୁମ୍ମା ସଦର ମହକୁମା କଲ୍ୟାଣ ମଣ୍ଡପ ରେ କଂଗ୍ରେସର ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଗୁମ୍ମା ବ୍ଲକ ସଭାପତି ସୁବନ୍ୟ ଜେନାଙ୍କ ସଭାପତିତ୍ୱରେ ନୂତନ ଭାବେ କଂଗ୍ରେସର ଜିଲ୍ଲା ସଭାପତି ଶଙ୍କର ପ୍ରଧାନ, ପୂର୍ବତନ ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ରଶ୍ମିରଞ୍ଜନ ପ୍ରଧାନ ଓ ବରିଷ୍ଠ କଂଗ୍ରେସ ନେତା ରଘୁନାଥ ପ୍ରଧାନଙ୍କୁ ହାଟପଦା ଛକ ନିକଟରୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ସମ୍ବର୍ଦ୍ଧନା ସଭା ହୋଇଥିଲା। ଶଙ୍କର ପ୍ରଧାନ ପ୍ରଥମ ଥର ଗୁମ୍ମା ବ୍ଲକ ଗସ୍ତରେ ବ୍ଲକର ଟାଣୁଆ କଂଗ୍ରେସ ନେତାଙ୍କୁ ନେଇ ଆସନ୍ତା ତ୍ରିସ୍ତରୀୟ ବପଞ୍ଚାୟତ ନିର୍ବାଚନରେ ଦଳ ପୂର୍ବ ଅପେକ୍ଷା ଅଧିକ ମଜବୁତ ଲକ୍ଷ୍ୟ ରଖିଛନ୍ତି। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକ ଅଧ୍ୟକ୍ଷ, ସମିତିସଭ୍ୟ, ସରପଞ୍ଚ ଓ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ସୁବନ୍ୟ ଜେନା, ଲଳିତ ମୋହନ ଦଣ୍ଡେସେନା, ମଟୁ ପାଣି ଓ ପାଉଲ ପାଣି ପରିଚାଳନା କରିଥିଲେ।

## କବିତା 'କାଲି ଓ ଆଜି' ଲୋକାର୍ପିତ

ପାରଳାଖେମୁଣ୍ଡି,୧୪।୪(ସମିସ): ପାରଳାଖେମୁଣ୍ଡିରେ ଥିବା ସିଦ୍ଧାନ୍ତ ସାହିତ୍ୟ ଅନୁଷ୍ଠାନ ଦ୍ୱାରା ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ କବି ବିଚିତ୍ରାନନ୍ଦ ବେବର୍ତ୍ତାଙ୍କ ଅଷ୍ଟମ ସାରସ୍ୱତ ଅର୍ଘ୍ୟ କବିତା "କାଲି ଓ ଆଜି'ର ଉନ୍ମୋଚନ ହୋଇଯାଇଛି। ସିଦ୍ଧାନ୍ତର ପ୍ରତିଷ୍ଠାତା ସଂପାଦକ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ, ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ମାୟାଧର ସାହୁ, ସ୍ୱତନ୍ତ୍ର ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ସଲୋମନ ରାଇକା, ସମୀକ୍ଷକ ଭାବେ ଗଜପତି ପ୍ରାଣୀ ସମ୍ପଦ ବିକାଶ ବିଭାଗ ଉପନିର୍ଦ୍ଦେଶକ ଡା. ବିଧିତ ଶେଖର ମିଶ୍ର ଯୋଗ ଦେଇ ଆଧୁନିକ କବିତାର ବିଭିନ୍ନ ଦିଗ ସମ୍ପର୍କରେ କହିଥିଲେ। ମଞ୍ଚ ଆହ୍ୱାନ ଅନୁଶ୍ରୀ ପଟ୍ଟନାୟକ, ପରିଚୟ ପ୍ରଦାନ ସ୍ନେହା ବେହେରା, ସଂଯୋଜନା କବି ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ଏବଂ ଧନ୍ୟବାଦ ଅର୍ପଣ ତନୁଜା ଶତପଥୀ କରିଥିଲେ।। କାର୍ଯ୍ୟକ୍ରମକୁ ମୁରଲୀଧର ପରିଛା, ତ୍ରିପତି ପ୍ରସାଦ ପଣ୍ଡା, ନିତ୍ୟାନନ୍ଦ ଚୌଧୁରୀ, ବିଷ୍ଣୁ ପଣ୍ଡା, ଶୁଭଶ୍ରୀ ଭୁକ୍ତା, ଗାୟତ୍ରୀ ପଟ୍ଟନାୟକ, ମନୀଷା ପାତ୍ର, ସାଇସୁଧା ପଟ୍ଟନାୟକ, ମନୋଜ କୁମାର ପଟ୍ଟନାୟକ, ଡ. ନରସିଂହ ଗୌଡ଼ ଓ ଶଶି ଭୂଷଣ ପଟ୍ଟନାୟକ ପରିଚାଳନା କରିଥିଲେ।



